DOI : https://doi.org/10.5281/zenodo.13705733 ମୂଳ ପ୍ରବନ୍ଧ

# ଫ୍ରାଞ୍ଜ୍ କାଫ୍‌କାଙ୍କ ଉପନ୍ୟାସ: ବିଶ୍ୱ ପରିପ୍ରେକ୍ଷା

**ଚୂଳରାଜ ମେହେର**

**ସାରାଂଶ :**

ଏହି ଆଲେଖ୍ୟରେ ଜର୍ମାନ କଥାକାର ଫ୍ରାଞ୍ଜ୍ କାଫକ୍‌ଙ୍କ ଉପନ୍ୟାସଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇଛି, ଯାହା ଫଳରେ ବିଂଶ ଶତାବ୍ଦୀର ଜଣେ ଲୋକପ୍ରିୟ କଥାକାର ଭାବରେ ସମଗ୍ର ୟୁରୋପରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିଲା । ସର୍ବତ୍ର ତାଙ୍କର କ୍ଷୁଦ୍ରଗଳ୍ପଗୁଡ଼ିକୁ ନେଇ ତାଙ୍କୁ ଆଲୋଚନା କରାଯାଉଥିବା ବେଳେ ଏହି ଆଲେଖ୍ୟରେ ତାଙ୍କ ଉପନ୍ୟାସଗୁଡ଼ିକୁ ଆଲୋଚନାର ଅନ୍ତର୍ଭୁକ୍ତ କରାଯାଇଛି । ସମୁଦାୟ ଚାରିଗୋଟି ଉପନ୍ୟାସ ରଚନା କରିଥିଲେ ହେଁ, ଏଥିରେ କିଭଳି ତାଙ୍କର ବିଷୟବସ୍ତୁ ଚୟନ, ଶୈଳୀଗତ ସ୍ୱାତନ୍ତ୍ର୍ୟ ଓ ସମସାମୟିକ ସାମାଜିକ ଚିତ୍ର ପ୍ରତିଫଳିତ ହୋଇଛି ତାହା ବର୍ଣ୍ଣନା କରାଯାଇଛି । ଏହାସହ ତାଙ୍କ ଉପନ୍ୟାସ ଆଧାରରେ ୟୁରୋପ ସାହିତ୍ୟକୁ କାଫକ୍‌ଙ୍କ ଅବଦାନ କ'ଣ କରିଛି ସେ ସମ୍ପର୍କରେ ଆଲୋଚନା କରାଯାଇଛି ।

**ସଂକେତ ଶବ୍ଦ :** ଫ୍ରାଞ୍ଜ୍ କାଫକା, ମେଟାମର୍ଫସିସ୍, ଦି କାସଲ୍, ଦି ଟ୍ରାଏଲ୍, ବୋହେମିଆନ୍, କୁହୁକ ବାସ୍ତବତା, ପିକାରେସ୍କ ।

"Theoretically there is a perfect possibility of happiness: believing in the indestructible element in oneself and not striving towards it."

(ଫ୍ରାଞ୍ଜ୍ କାଫ୍‌କାଙ୍କ ଶେଷ ଉକ୍ତି)

ପାଶ୍ଚାତ୍ୟ ଜର୍ମାନ୍ ସାହିତ୍ୟର ଜଣେ ବୋହେମିଆନ୍ କଥାକାର ଭାବରେ ଫ୍ରାଞ୍ଜ୍ କାଫ୍କା ବେଶ୍ ପରିଚିତ । ଜୀବିତ ଅବସ୍ଥାରେ ଜଣେ ସାହିତ୍ୟିକ ଭାବରେ ତାଙ୍କୁ କେହି ମଧ୍ୟ ଜାଣି ନ ଥିଲେ । ପ୍ରଥମ ପର୍ଯ୍ୟାୟରେ ତାଙ୍କ କେତେକ ଅପରିପକ୍ୱ ରଚନାଗୁଡ଼ିକୁ ପ୍ରକାଶିତ କରିବାର ପ୍ରୟାସ କରି ବିଫଳ ହୋଇଥିଲେ ଯଦିଓ ସେହି ରଚନାଗୁଡ଼ିକରେ ମଧ୍ୟ ତାଙ୍କ ନିଜସ୍ୱ ଅନୁଭୂତି ହିଁ ବର୍ଣ୍ଣନା କରିଥିଲେ । ବ୍ୟକ୍ତିଗତ ଜୀବନର ଅନୁଭୂତିକୁ ନେଇ ସାହିତ୍ୟ ରଚନାରେ ପାଦ ଦେଇଥିବା କାଫ୍କା ନିଜକୁ ଜଣେ ସଫଳ ସାହିତ୍ୟିକ ଭାବରେ କେବେ ଗ୍ରହଣ କରିପାରି ନଥିଲେ । ଏହାପରେ କେବଳ ନିଜ ରୁଚି ପାଇଁ ହିଁ ସାହିତ୍ୟ ରଚନା କଲେ ଏବଂ ଜଣେ ସାହିତ୍ୟିକ ଭାବରେ ପ୍ରତିଷ୍ଠା ପାଇବାର କୌଣସି ଆଗ୍ରହ ନ ରଖି ଶେଷନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଲେଖି ଚାଲିଥିଲେ । ଏଣୁ ତାଙ୍କର ଅଧିକାଂଶ ରଚନା ମୃତ୍ୟୁ ପରେ ହିଁ ପ୍ରକାଶିତ ହୋଇ ଲୋକଲୋଚନକୁ ଆସିଥିଲା । ପରବର୍ତ୍ତୀ ସମୟରେ ବିଂଶ ଶତାବ୍ଦୀରେ କେବଳ ଜର୍ମାନ ଦେଶର କାହିଁକି ବରଂ ସମଗ୍ର ୟୁରୋପର ଲୋକପ୍ରିୟ କଥାକାର ଅର୍ଥାତ୍ ଜଣେ ସଫଳ ଔପନ୍ୟାସିକ ଓ କ୍ଷୁଦ୍ରଗଳ୍ପ ସ୍ରଷ୍ଟା ଭାବରେ କାଫ୍କା ବିଶେଷ ପରିଚିତି ଲାଭ କଲେ । ସମସାମୟିକ ଔପନ୍ୟାସିକଙ୍କ ତୁଳନାରେ ତାଙ୍କର

**ଯୋଗାଯୋଗ :**
**ଚୂଳରାଜ ମେହେର,** ଓଡ଼ିଆ ଅଧ୍ୟାପକ,
ଲରମ୍ବା ମହାବିଦ୍ୟାଳୟ, ଲରମ୍ବା
**E-Mail ID:** chularajmeher123@gmail.com
**ORCID ID:** https://orcid.org/0009-0006-9318-5121

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୬.୨୦୨୪ | ୧୭.୭.୨୦୨୪ | ୨୫.୭.୨୦୨୪ | ୧.୯.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମେହେର, ଚୂଳରାଜ, ୨୦୨୪ । **ଫ୍ରାଞ୍ଜ୍ କାଫ୍‌କା ଉପନ୍ୟାସ: ବିଶ୍ୱ ପରିପ୍ରେକ୍ଷା ।** ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଚ; ପୃଷ୍ଠା : ୩୯-୪୬ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ
Quick Response Code:
Available online at : https://pracheenews.com/
DOI : https://doi.org/10.5281/zenodo.13705733
Article No - BPPP00223

ଔପନ୍ୟାସୀୟ ବିଚିତ୍ରତା ଓ କ୍ଷୁଦ୍ରଗଳ୍ପର ବିଷୟ ବେଶ୍ ସ୍ୱତନ୍ତ୍ରଭାବରେ ପାଠକଗଣଙ୍କୁ ଆକର୍ଷିତ କରିବାରେ ସଫଳ ହୋଇଥିଲା । W.H. Audenଙ୍କ ମତରେ "The author who come nearest to bearing the same kind of relation to our age as Dante, Shakespeare and Goethe bore to their." ଅର୍ଥାତ "ଜଣେ ଲେଖକ ଯିଏକି ଆମ ସମୟର ହୋଇ ମଧ୍ୟ ଦାନ୍ତେ, ସେକ୍ସପିଅର ଓ ଗେଟେଙ୍କ ଖୁବ ନିକଟବର୍ତ୍ତୀ ।" ନିଜ ରଚନା ମଧ୍ୟରେ ବହୁ ପାଶ୍ଚାତ୍ୟ ଦର୍ଶନକୁ ସିଧାସଳଖ ସଂଯୋଜିତ କରି ବିଷୟବସ୍ତୁ ଚୟନ କରିବାରେ ସେ ସିଦ୍ଧହସ୍ତ ଥିଲେ । ରଚନା ମଧ୍ୟରେ ସମାଜର ବସ୍ତାବିକତାକୁ ଯେଉଁ ନକରାତ୍ମକ ଢଙ୍ଗରେ ଉପସ୍ଥାପନ କରିଥିଲେ, ଏହି ଦୃଷ୍ଟିରେ W.H. Audenଙ୍କ ଅନୁସାରେ ତାଙ୍କ ସମୟକୁ "Age of Anxiety" ବା "ଚିନ୍ତାର ଯୁଗ" ଭାବରେ ଅଭିହିତ କରିବା ବେଶ ପ୍ରଣିଧାନଯୋଗ୍ୟ ଅଟେ । କାଫ୍‌କାଙ୍କ ପାଠକଗଣ ତାଙ୍କ ସାହିତ୍ୟିକ ଧାରାର ବିବିଧତାକୁ ଯେଉଁ ଭାବରେ ଲକ୍ଷ୍ୟ କରିଛନ୍ତି ତହିଁରେ ତାଙ୍କର ବିଶ୍ୱପ୍ରସିଦ୍ଧି ପାଇବାର ଯଥାର୍ଥତା ଲକ୍ଷ୍ୟ କରାଯାଇପାରେ । ତାଙ୍କ ରଚନାର ଭାବାର୍ଥକୁ ସମାଲୋଚକମାନେ ଭିନ୍ନ ଭାବରେ ବ୍ୟାଖ୍ୟା କଲେ ସୁଦ୍ଧା ସ୍ଥୁଳଦୃଷ୍ଟିରେ ବିଚାର କଲେ ତହିଁରେ ରାଜନୈତିକ ବ୍ୟଙ୍ଗ ଓ ପାରିବାରିକ ସମସ୍ୟାର ଚିତ୍ର ବେଶ୍ ପ୍ରାଞ୍ଜଳ ଅଟେ ।

ଫ୍ରାଞ୍ଜ୍ କାଫ୍କାଙ୍କ ଜନ୍ମ ୧୮୮୩ ମସିହା ଜୁଲାଇ ୩ ତାରିଖରେ ଜର୍ମାନୀର ଚେକୋସ୍ଲୋଭାକିଆର ପ୍ରାଗ୍ (Prague) ସହରରେ ହୋଇଥିଲା । ସେହି ସମୟରେ ପ୍ରାଗ୍ ଅଷ୍ଟ୍ରୋ-ହଙ୍ଗେରିଆନ୍ ସାମ୍ରାଜ୍ୟର ଏକ ପ୍ରମୁଖ ପ୍ରାଦେଶିକ ରାଜଧାନୀ ଥିଲା । କାଫ୍‌କାଙ୍କ ସମଗ୍ର ବ୍ୟକ୍ତିତ୍ୱକୁ ଏହି ସହର କେନ୍ଦ୍ରକରି ରଖିଥିଲା । କାରଣ ଏହି ସହର ଏକ ବିଭ୍ରାନ୍ତ ସହର ଥିଲା ଠିକ୍ କାଫ୍କାଙ୍କ ବ୍ୟକ୍ତିତ୍ୱ ଭଳି । କାଫ୍‌କା ଜର୍ମାନ ଭାଷାଭାଷୀ ଏକ ମଧ୍ୟବିତ୍ତ ଇହୁଦୀ(Jewish) ପରିବାରରେ ଜନ୍ମଗ୍ରହଣ କରିଥିଲେ । ଫ୍ରାଞ୍ଜ୍ ଜନ୍ମ ହେବା ବେଳକୁ କାଫ୍କା ପରିବାର ପ୍ରାଗ୍‌ର ଚେକ୍ ସମ୍ପ୍ରଦାୟରେ ଏକତ୍ର ହୋଇସାରିଥିଲେ । ତାଙ୍କ ପିତା ହରମାନ୍ କାଫ୍କା ଓ ମାତା ଥିଲେ ଜୁଲି ଲୋ (Julie Lowy) । ଯେହେତୁ ଫ୍ରାଞ୍ଜ୍ ପରିବାରର ଜ୍ୟେଷ୍ଠ ସନ୍ତାନ ଏବଂ ତାଙ୍କ ପିତାମାତାଙ୍କ ଏକମାତ୍ର ଜୀବିତ ପୁଅ ଥିଲେ, ତାଙ୍କୁ ନେଇ ପରିବାରରେ ଅନେକ ଅଭିଳାଷ ପୋଷଣ କରିଥିଲେ । ତେଣୁ ସେ ଜୀବନରେ ଏକ କଠୋର କାର୍ଯ୍ୟସୂଚୀ ଅନୁସରଣ କରିବେ ଏବଂ ସଫଳତା ପାଇ ପାରିବାରିକ ଦାୟିତ୍ୱ ପ୍ରତି ଯତ୍ନବାନ ହେବେ ବୋଲି ଆଶା କରାଯାଉଥିଲା । କିନ୍ତୁ ଏସବୁ ତୁଳନାରେ ସବୁଠାରୁ ଅଧିକ ଜଟିଳ ବିଷୟ ଥିଲା, ତାଙ୍କ ପିତାଙ୍କ ସହିତ ଫ୍ରାଞ୍ଜ୍‌ଙ୍କ ସମ୍ପର୍କ । ସିନିଅର୍ କାଫ୍କା ଜଣେ ପ୍ରାଧାନ୍ୟ ବ୍ୟକ୍ତିତ୍ୱର ଲୋକ ଥିଲେ । ପାରସ୍ପରିକ ଶତ୍ରୁତା ଦ୍ୱାରା ସେମାନେ ପରସ୍ପର ସହ ବନ୍ଧା ହୋଇଥିଲେ । କହିବା ବାହୁଲ୍ୟ ଯେ, ତାଙ୍କ ପିତାଙ୍କ ସହ ଏହି ତିକ୍ତ ସମ୍ପର୍କ ଅନେକାଂଶରେ ତାଙ୍କ କଥାସାହିତ୍ୟକୁ ପ୍ରଭାବିତ କରିଥିଲା । ଏହା ତାଙ୍କ ରଚନାଦିରେ ସ୍ପଷ୍ଟ ଅନୁମାନ କରାଯାଇପାରେ । "The conflict between father and son also gives this story the autobiographical significance. In most of Kafka's works like "The Metamorphosis," The Trial, etc. the dominant father role plays a crucial role. In "The Judgment" too we get the picture of overbearing father very much similar to Kafka's own father. Georg's father in the story is very much like Kafka's real father who always appeared to him "a giant" (Kafka, The Metamorphosis 63).

୧୯୧୨ ର ଗ୍ରୀଷ୍ମ ସମୟରେ ତାଙ୍କ ଜୀବନରେ ଏକ ଅଦ୍ଭୁତ ମୋଡ ଆସିଥିଲା, ବର୍ଲିନ୍‌ର ଜଣେ ଝିଅ ଫେଲିସ୍ ବାଉର (Felice Bauer)ଙ୍କ ଆଗମନ ପରେ । ସେ ଏକ ଡିକ୍ଟାଫୋନ୍ କମ୍ପାନୀରେ ପ୍ରତିନିଧୀ ଭାବରେ କାର୍ଯ୍ୟ କରୁଥିଲେ । ସମୟ କ୍ରମେ ଦୁହେଁ ପରସ୍ପର ସହ ଗଭୀର ପ୍ରେମରେ ପଡିଥିଲେ । ଏହି ଅବସରରେ ସେ ତାଙ୍କ ଲେଖାରେ ଧ୍ୟାନ ଦେବାରେ ସକ୍ଷମ ହୋଇଥିଲେ । "Kafka for the first time met Bauer, who was visiting Prague from Berlin, on August 13, 1912 in Max Brod's house, and it was from this meeting with her that the flood of Kafka's writing really began (Gray, Franz Kafka 57) ।" କିନ୍ତୁ, ଏହା ଦେଖାଗଲା, ସେ ଯାହା କଳ୍ପନା କରିଥିଲେ ଭାଗ୍ୟ ତାହାଠାରୁ କିଛି ଅଲଗା ଥିଲା । ଯୁଦ୍ଧ ପରବର୍ତ୍ତୀ ମୁଦ୍ରାସ୍ଫୀତି, ଅର୍ଥନୈତିକ ପରିସ୍ଥିତି ଏବଂ ସ୍ୱାସ୍ଥ୍ୟର ଅବସ୍ଥା ଅଧିକ ଖରାପ ହେତୁ ତାଙ୍କ ଜୀବନ ଆହୁରି ସଂକଟାପନ୍ନ ହୋଇଗଲା । ଯେଉଁ ଡାକ୍ତରମାନେ ତାଙ୍କର ଯକ୍ଷ୍ମା ଚିହ୍ନଟ କରିଥିଲେ ସେମାନେ ତାଙ୍କ ଖରାପ ଅବସ୍ଥା ଦେଖି ତାଙ୍କୁ ଭିଏନା କ୍ଲିନିକକୁ ପଠାଇ ଦେଲେ । ସେ ଜୀବନର ଅବଶିଷ୍ଟ ବର୍ଷର ଅଧିକାଂଶ ସମୟ ବିଭିନ୍ନ ସାନିଟୋରିୟମରେ ବିତାଇବା ସହିତ କାହାଣୀ ଏବଂ ଉପନ୍ୟାସ ଲେଖିଥିଲେ । ତାଙ୍କ ଜୀବନର ଶେଷ ସମୟରେ ସେ କହିବାର ସାମର୍ଥ୍ୟ ହରାଇ ବସିଲେ । ଦିନକୁ ଦିନ ବଢୁଥିବା ଯନ୍ତ୍ରଣା ସହି ନ ପାରି କାଫ୍କା ତାଙ୍କ ଡାକ୍ତର କ୍ଲୋପଷ୍ଟକ୍(Klopstock)ଙ୍କୁ ଏକ ନୋଟ୍ ଲେଖି ଶାନ୍ତି ମାଗି କହିଥିଲେ: "Kill me, or else you are a murderer" (Gray, Franz Kafka 165) । କାଫ୍‌କା ଶେଷରେ ୧୯୨୪ ମସିହାରେ ଜୁନ୍ ୩ ରେ ଅଷ୍ଟ୍ରିଆର କିରଲିଙ୍ଗରେ ତାଙ୍କ ନିଦ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ମୃତ୍ୟୁ ପୂର୍ବରୁ ସେ ଜାଣି ସାରିଥିଲେ ଯେ ସମ୍ଭବତଃ ସେ ଆଉ ଦୀର୍ଘଦିନ ପର୍ଯ୍ୟନ୍ତ ବଂଚିବେ ନାହିଁ ତେଣୁ ସେ ଏକ ଇଚ୍ଛାପତ୍ର ମାଧ୍ୟମରେ ୧୯୨୨ ମସିହାରରେ ମ୍ୟାକ୍ସ ବ୍ରୋଡଙ୍କୁ ତାଙ୍କ ଲେଖାର ପାଣ୍ଡୁଲିପିଗୁଡ଼ିକୁ ନଷ୍ଟ କରିବାକୁ ନିର୍ଦ୍ଦେଶ ଦେଇ କହିଥିଲେ । ମ୍ୟାକ୍ସ ବ୍ରୋଡଙ୍କ ଚିରସ୍ଥାୟୀ ଶ୍ରେୟ ହେଉଛି ଯେ, ସେ ତାଙ୍କର ପ୍ରକାଶିତ କାର୍ଯ୍ୟକୁ ଜାଳିବା ପାଇଁ ନିଜବନ୍ଧୁଙ୍କ ଇଚ୍ଛା ପୂରଣ କରିନାହାଁନ୍ତି ।

କାଫ୍କାଙ୍କ ମୃତ୍ୟୁର ପଚାଶ ଦିନ ପରେ, ବ୍ରୋଡ୍ ପ୍ରକାଶକ ଡାଏ ଶିମିଡେ (Die Schmiede)ଙ୍କ ସହ ଏକ ଚୁକ୍ତିନାମା ସ୍ୱାକ୍ଷର କଲେ ଏବଂ ସେ 'ଦି ଟ୍ରାଏଲ୍' (Der Prozess, 1925), 'ଦି କ୍ୟାସଲ' (Das Schloß, 1926), ଏବଂ 'ଆମେରିକା' (Der Verschollene, 1927)ର ମରଣୋତ୍ତର ପ୍ରକାଶନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ସର୍ବପ୍ରଥମେ ୧୯୩୦ରେ ଏଡୱିନ୍ ଏବଂ ୱିଲା ମୁଇର୍ "ଦି କ୍ୟାସଲ୍"(The Castle)କୁ ଇଂରାଜୀରେ ଅନୁବାଦ କଲେ । ଏହାପରେ "ଦି ଟ୍ରାଏଲ୍"(The Trail)ର ପ୍ରଥମ ଇଂରାଜୀ ଅନୁବାଦ ୧୯୩୭ରେ ଇଂଲଣ୍ଡ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରକାଶ ପାଇଥିଲା, ଶେଷ ସଂସ୍କରଣ ଜର୍ଜ ସଲ୍ଟର(Georg Salter)ଙ୍କ ଚିତ୍ର ସହିତ ନୋଫ୍ (Knopf) ଦ୍ୱାରା ପ୍ରକାଶିତ ହୋଇଥିଲା | ଜର୍ମାନ କିମ୍ବା ଇଂରାଜୀ ଭାଷା ସଂସ୍କରଣ ଭଲ ବିକ୍ରି ହୋଇ ନଥିଲା, ଯଦିଓ ସେଗୁଡିକ ଗୁରୁତର ଭାବରେ ଗ୍ରହଣ କରାଯାଇଥିଲା । ପରବର୍ତ୍ତୀ ସମୟରେ ଉଭୟଙ୍କ ପ୍ରଚେଷ୍ଟାରେ ପୁଣି ଆମେରିକା(Amerika)ର ଅନୁବାଦ ୧୯୪୦ ରେ ୟୁନାଇଟେଡ୍ ଷ୍ଟେଟରେ ପ୍ରକାଶିତ ହୋଇଥିଲା । ତେବେ ସାମଗ୍ରିକ ଭାବରେ ବିଚାର କଲେ ମୂଳତଃ କାଫ୍କାଙ୍କ ଉପନ୍ୟାସିକା 'ଦି ମେଟାମୋର୍ଫୋସିସ୍' (୧୯୧୫) ସମେତ "ଦି ଟ୍ରାଏଲ୍"(୧୯୨୫), "ଦି କ୍ୟାସଲ୍"(୧୯୨୬) ଓ "ଆମେରିକା"(୧୯୨୭) ଏଭଳି ସମୁଦାୟ ପାଞ୍ଚଗୋଟି ଉପନ୍ୟାସର ସ୍ରଷ୍ଟା ଭାବରେ କାଫ୍କା ସମଗ୍ର ବିଶ୍ୱରେ ପରିଚିତ ହୋଇ ପାରିଛନ୍ତି ।

## ଦି ମେଟାମୋର୍ଫୋସିସ୍ (*Die Verwandlung*,1915)

ଅକ୍ଟୋବର ୧୯୧୫ରେ ତାଙ୍କ ଜୀବନକାଳ ମଧ୍ୟରେ ତାଙ୍କର ଶ୍ରେଷ୍ଠ ଏବଂ ସଫଳ ଉପନ୍ୟାସିକା 'ଦି ମେଟାମୋର୍ଫୋସିସ୍' ପ୍ରକାଶ ପାଇଥିଲା । ଜର୍ମାନ ଭାଷାରେ ଡାଇ ଭର୍ୱାଣ୍ଡଲୁଙ୍ଗ(ଉସର ଠରଣ୍ଣଙ୍ଗବଭୟକ୍ଷଙ୍କଭଶ), ଇଂରାଜୀରେ 'ଦି ମେଟାମୋର୍ଫୋସିସ୍' ଏବଂ 'ଦି ଟ୍ରାନ୍ସଫର୍ମେସନ୍' ନାମରେ ଜଣାଶୁଣା, ତାଙ୍କର ସମସ୍ତ ସମ୍ପୂର୍ଣ୍ଣ କୃତି ମଧ୍ୟରୁ ଏହା ସବୁଠାରୁ ଦୀର୍ଘ ରଚନା ଥିଲା । ୧୯୧୨ ମସିହାରେ ତାଙ୍କର ପ୍ରଥମ ପ୍ରମୁଖ କାହାଣୀ 'ଦ ଜଜମେଣ୍ଟ' ଶେଷ କରିବା ପରେ, କାଫ୍କା ସେହି ବର୍ଷ ତାଙ୍କର ଉପନ୍ୟାସ "ଆମେରିକା" ଆରମ୍ଭ କରିଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ୧୮ ନଭେମ୍ବରରୁ ଡିସେମ୍ବର ୬ ପର୍ଯ୍ୟନ୍ତ ପ୍ରାୟ ତିନି ସପ୍ତାହ ସମୟ ନେଇଥିବା ରଚନା 'ଦି ମେଟାମୋର୍ଫୋସିସ୍'କୁ ସମ୍ପୂର୍ଣ୍ଣ କରିବା ପାଇଁ ଆମେରିକା ଲେଖିବାରୁ ନିଜକୁ ନିବୃତ୍ତ କରିଥିଲେ ।

'ଦି ଟ୍ରାଏଲ୍'ର ପ୍ରକାଶନ ପରି, "ମେଟାମୋର୍ଫୋସିସ୍" ମଧ୍ୟ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହେଲା, ଏହାର ନାୟକ ଗ୍ରେଗୋର ସାମସା (Gregor Samsa) ଏକ ବ୍ୟବସାୟିକ ଭ୍ରମଣକାରୀ, ଯିଏ ଦିନେ ସକାଳୁ ଉଠି ନିଜକୁ ଏକ ବିଶାଳ ରାକ୍ଷସରୂପୀ ପୋକରେ ପରିଣତ ହେବାର ଲକ୍ଷ୍ୟ ନେଇ ଘୃଣା ଭାବ ପ୍ରକାଶ କରନ୍ତି । ଏହାର ପ୍ରଥମ ବାକ୍ୟରେ ରଚନାର ସବୁଠାରୁ ବଡ଼ ଉତ୍କଣ୍ଠା ସମ୍ପର୍କରେ ପାଠକମାନଙ୍କୁ ଦର୍ଶାଇ କାଫ୍କା କଥାସାହିତ୍ୟ ରଚନା ଶୈଳୀରେ ଏକ ବିଶେଷ ଚହଳ ସୃଷ୍ଟି କରିଦେଇଥିଲେ । "One morning, upon awakening from agitated dreams, Gregor Samsa found himself, in his bed, transformed into a monstrous vermin." (Kafka, The Metamorphosis 117). କାଫ୍କା 'ବିଶାଳ ରାକ୍ଷସରୂପୀ ପୋକ' (monstrous vermin) ପାଇଁ ଏହି ରଚନାରେ ମୂଳ ଜର୍ମାନ ଶବ୍ଦ ungeheueres Ungezieferକୁ ବ୍ୟବହାର କରିଛନ୍ତି । 'ungeheueres' ଶବ୍ଦର ସେହି ବ୍ୟକ୍ତି ଅର୍ଥରେ ବ୍ୟବହାର କରାଯାଏ ଯାହାର କୌଣସି ପରିବାର ନଥାଏ, ପୁନଶ୍ଚ 'Ungeziefer' ଶବ୍ଦଟି ଏକ ଅପମାନିତ ଘୃଣ୍ୟଜୀବ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ ଯାହାର ବାସସ୍ଥାନ ବୋଲି କିଛି ନଥାଏ । 'ଦି ମେଟାମୋର୍ଫୋସିସ୍' କାଫ୍କାଙ୍କ ପଶୁ କାହାଣୀ ମଧ୍ୟରେ ଅତୁଳନୀୟ, କାରଣ ଗ୍ରେଗୋର ଏକ ପଶୁ ଆକାରରେ ମଣିଷ ଏବଂ ମାନବିକତା ପ୍ରାପ୍ତ ପଶୁ ନୁହେଁ । କାହାଣୀକୁ ତିନୋଟି ସମାନ ଭାଗରେ ବିଭକ୍ତ କରାଯାଇଛି । ପ୍ରତ୍ୟେକଟି ରୋମାନ ସଂଖ୍ୟାରୁ ଆରମ୍ଭ ହୁଏ । ପ୍ରଥମ ଭାଗରେ ଗ୍ରେଗରଙ୍କ ଏକ ପୋକରେ ପରିଣତ ହୋଇଥିବା ଘଟଣା ଦର୍ଶାଯାଇଛି, ଦ୍ୱିତୀୟ ଭାଗରେ ତାଙ୍କ ପରିବର୍ତ୍ତନ ସହିତ ସମନ୍ୱୟ କରିବାରେ ତାଙ୍କ ପରିବାର ସଦସ୍ୟଙ୍କ ମନୋଭାବ ଏବଂ ତୃତୀୟ ଭାଗରେ ତାଙ୍କ ଦୟନୀୟ ମୃତ୍ୟୁରେ ଉପନ୍ୟାସିକାର ପରିଣତିକୁ ଦର୍ଶାଯାଇଛି ।

ଗ୍ରେଗୋର, କାୟା ପରିବର୍ତ୍ତନ ପରେ ପରିବାରରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଏ ଯେହେତୁ ପରିବାରର ସମସ୍ତ ସଦସ୍ୟ ତାକୁ ପ୍ରତ୍ୟାଖ୍ୟାନ କରନ୍ତି ଏବଂ ତାଙ୍କୁ କୀଟ ପରି ବ୍ୟବହାର କରନ୍ତି । ଯିଏ ପରିବାରର ଭରଣପୋଷଣ ପାଇଁ ଏକମାତ୍ର ଉତ୍ସ ଥିଲା, ଯାହା ଉପରେ ସମସ୍ତ ପରିବାର ନିର୍ଭରଶୀଳ ଥିଲା ଆଜି ହଠାତ ଗୋଟେ କୀଟ ରୂପ ଧାରଣ କଲା ପରେ ତାକୁ ଅଦରକାରୀ ମନେକରି, ପରିବାରର ସଦସ୍ୟମାନେ ତାର ଯତ୍ନ ନେବାରେ ସଙ୍କୋଚ କରନ୍ତି । ଏହି କାହାଣୀରେ କାଫ୍କା ମଣିଷର ଏକ ଅସମ୍ଭବ ପରିସ୍ଥିତିକୁ ବାସ୍ତବତାର ମୋଡରେ କୀଟରେ ପରିଣତ କରିବାର ଏକ ଅସମ୍ଭବ ପରିସ୍ଥିତିକୁ ଉପସ୍ଥାପନ କରିଛନ୍ତି । ତାଙ୍କର ପରିବର୍ତ୍ତନ ପରେ, ତାଙ୍କ ପରିବାର ବୁଝିପାରିଲେ ନାହିଁ ଯେ ତାଙ୍କ ପାଖରେ ଏବେ ବି ମାନବ ହୃଦୟ, ମାନବିକ ସୌନ୍ଦର୍ଯ୍ୟ ଏବଂ ଶାଳୀନତାର ମାନବିକ ଭାବନା ଅଛି । ପରିବର୍ତ୍ତନ ପରେ ସେ ନିଜ ରୁମରୁ ବାହାରକୁ ଯିବାକୁ ଚେଷ୍ଟା କରନ୍ତି କିନ୍ତୁ ପ୍ରତିଥର ତାଙ୍କୁ ଫେରାଇ ଦିଆଯାଏ । ତାଙ୍କ ବାପା ତାଙ୍କୁ

ଗୋଡ଼ରେ ମୋହର ଲଗାଇ କୋଠରୀ ଭିତରକୁ ଠେଲି ଦିଅନ୍ତି । ତାଙ୍କର ଗୋଟିଏ ହାତରେ ବାଡ଼ି ଓ ଅନ୍ୟ ହାତରେ ଖବରକାଗଜ ରହିଛି । ଏପରିକି ତାଙ୍କ ଭଉଣୀ ଗ୍ରେଟ୍, ଯିଏ କି ପ୍ରାରମ୍ଭରେ ତାଙ୍କ ପ୍ରତି ଅହେତୁକ ଭଲ ପାଇବା ଦର୍ଶାଉଥିଲେ , ପରବର୍ତ୍ତୀ ସମୟରେ ଶବ୍ଦ କରି ତାଙ୍କୁ ବିଚଳିତ କରନ୍ତି, ସେ ମଧ୍ୟ ନିଜକୁ ତାଙ୍କଠାରୁ ମୁକ୍ତ କରିବାକୁ ଚାହୁଁଛନ୍ତି । ପିତାଙ୍କ ପିଠିରେ ଫିଙ୍ଗିଥିବା ସେଓକୁ ତାଙ୍କ ଦୁଃଖର ପ୍ରତୀକ ଭାବରେ ଦେଖାଯାଇପାରେ କାରଣ ତାଙ୍କ ପିଠିରେ ଫିଙ୍ଗି ଦିଆଯାଇଥିବା ଫଳର କ୍ଷୟ ତାଙ୍କ ଆତ୍ମକ୍ଷୟକୁ ସୂଚାଇଥାଏ । ଉକ୍ତ କାହାଣୀର ପ୍ରକୃତ ଭୟାବହତା ଗ୍ରେଗୋରଙ୍କ ପରିବର୍ତ୍ତନରେ ନୁହେଁ ବରଂ ତାଙ୍କ ପରିବାରର ପ୍ରତିକ୍ରିୟାରେ ରହିଛି । ତାଙ୍କର ସମସ୍ତ କ୍ଷତ ପାଇଁ ତାଙ୍କ ପରିବାର ଦାୟୀ, ଯେଉଁମାନେ ତାଙ୍କ ପରିବର୍ତ୍ତନ ପରେ ତାଙ୍କୁ ବିଚ୍ଛିନ୍ନ ଏବଂ ଅଲଗା କରିଦିଅନ୍ତି । ଶେଷରେ, ଗ୍ରେଗୋର ତାଙ୍କ ପରିବାର, ତାଙ୍କ ଦୁନିଆ ଏବଂ ଜଣେ ମଣିଷ ଭାବରେ ତାଙ୍କର ସ୍ଥିତି ସବୁକିଛି ହରାଇ ବସନ୍ତି । କାହାଣୀର ଶେଷଭାଗରେ ନିଃସଂଗତା, ତିରସ୍କାର ଓ ଆତ୍ମୀୟତାର ଅଭାବବୋଧରେ ସାମସା ଚରିତ୍ରଙ୍କ ମୃତ୍ୟୁ ଘଟେ ।

### ଦି ଟ୍ରାଏଲ୍ (*Der Prozeß*, 1925):

ଫ୍ରାଞ୍ଜ୍ କାଫ୍କାଙ୍କ ମୃତ୍ୟୁର ମାତ୍ର ୫୬ ଦିନ ପରେ କାଫ୍କାର ଘନିଷ୍ଠ ବନ୍ଧୁ ମ୍ୟାକ୍ସ ବ୍ରୋଡ୍ ବର୍ଲିନ ପ୍ରକାଶକ ଡାଇ ସ୍ମିଡେ (Die Schmiede)ଙ୍କ ସହ ମିଶି କାଫ୍କାଙ୍କ ସଂଗୃହୀତ କୃତିର ମରଣୋତ୍ତର ସଂସ୍କରଣ ଓ ପ୍ରକାଶନ ପାଇଁ ଆୟୋଜନ କରିଥିଲେ । ମ୍ୟାକ୍ସ ବ୍ରୋଡ୍ ଟ୍ରାଏଲର ଲେଖାର ଗ୍ରନ୍ଥ ପ୍ରବେଶ (Epilogue to the text of The Trial)ରେ ଉଲ୍ଲେଖ କରିଛନ୍ତି ଯେ ସେ ଜୁନ୍ ୧୯୨୦ରେ ଫ୍ରାଞ୍ଜ୍ କାଫ୍କାଙ୍କଠାରୁ ବ୍ୟକ୍ତିଗତ ଉପହାର ଭାବରେ ଏହି କାର୍ଯ୍ୟର ପାଣ୍ଡୁଲିପି ପାଇଥିଲେ (Brod, “Epilogue” 215) । ଅସମ୍ପୂର୍ଣ୍ଣ ପରିଚ୍ଛେଦକୁ ବାଦ୍ ଦେଇ, ଏହାକୁ କାଫ୍କାଙ୍କ ସଙ୍କଳନର ଅନ୍ତିମ ଖଣ୍ଡ ଭାବରେ ଅନ୍ତର୍ଭୁକ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ରଚନାରେ ପାଣ୍ଡୁଲିପି ସଂକଳନ କରିବାର କାର୍ଯ୍ୟ ଅନ୍ୟ ରଚନା ଭଳି ସହଜ ନଥିଲା କାରଣ ଏହାର ପାଣ୍ଡୁଲିପି ଅଂଶମାନଙ୍କରେ କୌଣସି ଶୀର୍ଷକ ନ ଥିଲା । ତଥାପି, କାଫ୍କା ଯେତେବେଳେ ବି ବ୍ରୋଡଙ୍କ ସହ ଉପନ୍ୟାସ ବିଷୟରେ ଆଲୋଚନା କରିଥିଲେ, ସେ ସର୍ବଦା ଏହାକୁ “ଦ ଟ୍ରାଏଲ୍’ ବୋଲି ସମ୍ବୋଧନ କରିଥିଲେ । ଏହି ଆଧାରରେ ସେ ଉକ୍ତ ଉପନ୍ୟାସକୁ ଏହି ନାମରେ ହିଁ ପ୍ରକାଶିତ କଲେ । ଏହାପରେ ଏଡୱିନ୍ ଏବଂ ୱିଲା ମୁଇରଙ୍କ ପ୍ରଚେଷ୍ଟାରେ “ଦି ଟ୍ରାଏଲ୍”ର ପ୍ରଥମ ଇଂରାଜୀ ଅନୁବାଦ ୧୯୩୭ରେ ଇଂଲଣ୍ଡ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରକାଶ ପାଇଲା ।

ଉପନ୍ୟାସର କଥାବସ୍ତୁକୁ ପ୍ରବେଶ କଲେ ଏହାର ଆରମ୍ଭରୁ ହିଁ ପାଠକଙ୍କୁ ବିସ୍ମିତ ହେବାକୁ ପଡେ । ଉକ୍ତ ଉପନ୍ୟାସର ନାୟକ ଜୋସେଫ କେ.(Joseph K.)ଙ୍କୁ ଦିନେ ସକାଳେ ଅକାରଣରେ ସିଧାସଳଖ ଗିରଫ୍ କରାଯାଏ । “Someone must have been telling lies about Joseph K., for without having done anything wrong he was arrested one fine morning” (Kafka, The Trial, 7) । ୱାର୍ଡରମାନେ ତାଙ୍କୁ ତାଙ୍କ କୋଠରୀ ଛାଡିବାକୁ ବାରଣ କରନ୍ତି । ତା’ପରେ ଏକ ଅସୀମ ଶୃଙ୍ଖଳିର ଯାତ୍ରା ଆରମ୍ଭ ହୁଏ, ଯେଉଁଠାରେ ଏହି ଭୁଲ ପାଇଁ ଦୋଷମୁକ୍ତ ହେବାର ସମ୍ଭାବନା ସବୁଠାରୁ ଦୁର୍ଗମ ଅଟେ । କେ.ଙ୍କ ଗିରଫ୍ ହେବାର ମୁଖ୍ୟ କାରଣ କ’ଣ, ସେ ପ୍ରଶ୍ନ ଭିତରେ ପାଠକ ଉପନ୍ୟାସର କାହାଣୀ ସହ ସଂଯୋଜିତ ହୋଇ ଚାଲିଥାଏ । ଆଶ୍ଚର୍ଯ୍ୟର କଥା ହେଉଛି ଏହି ଲେଖାରେ କେ.ଙ୍କୁ ଗିରଫ କରିବା ସଂକ୍ରାନ୍ତରେ ପ୍ରାଥମିକ ତଦନ୍ତ ପାଇଁ କୌଣସି ଆଇନଗତ ଦସ୍ତାବିଜ ନାହିଁ, ଏଫ.ଆଇ.ଆର. ପଞ୍ଜୀକରଣ ହୋଇନାହିଁ ଏବଂ ପ୍ରାରମ୍ଭିକ ପ୍ରକ୍ରିୟା ମଧ୍ୟ କିଛି ନାହିଁ । କେବଳ ଗିରଫ୍ ଓ ବିଚାର ପ୍ରକ୍ରିୟା ହିଁ ପ୍ରଦର୍ଶିତ ହୋଇଛି ।

କେ. ତାଙ୍କର କଥିତ ଦୋଷହୀନତା ପରିବର୍ତ୍ତେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବା ପରଠାରୁ ନୀରବ ରହି ପରୋକ୍ଷରେ ନିଜର ଦୋଷ ସ୍ୱୀକାର କରନ୍ତି । ଗୋଟିଏ ପଟେ କେ. ନିଜକୁ ନିର୍ଦ୍ଦୋଷ ବୋଲି ବିରୋଧ କରୁଥିବା ବେଳେ ଅନ୍ୟପଟେ ତାଙ୍କ ଦୋଷ ଭାବନାର ସଙ୍କେତ ମିଳେ, ଯଦିଓ ସେ ନିଜେ ଜାଣିଶୁଣି ଏହାକୁ ଅନୁଭବ କରନ୍ତି ନାହିଁ । ଏଠାରେ ପାଠକ କେ. ଚରିତ୍ର ମଧ୍ୟରେ ଥିବା ଅନ୍ତର୍ଦ୍ୱନ୍ଦ୍ୱକୁ ସ୍ପଷ୍ଟ ଭାବରେ ଲକ୍ଷ୍ୟ କରିପାରିବେ । ଗିରଫ ହେବାର ଆରମ୍ଭରୁ କାହାଣୀର ଶେଷ ପର୍ଯ୍ୟନ୍ତ ସେ ଗିରଫର ଏକ ନିର୍ଦ୍ଦିଷ୍ଟ ବୋଝରେ ବ୍ୟସ୍ତ ରହନ୍ତି । ଏହି ବୋଝରୁ ନିଜକୁ ମୁକ୍ତି ଦେବା ପାଇଁ ସେ କୋର୍ଟ, କ୍ୟାଥେଡ୍ରାଲ ଭଳି ବିଭିନ୍ନ ଏଜେନ୍ସି ଏବଂ ଫ୍ରାଉଲିନ୍ ବୃଷ୍ଟନର, ଫ୍ରାଉ ଗ୍ରୁବାକ୍, ୱାଶରଓମେନ୍, ଲେନି, ଚିତ୍ରଶିଳ୍ପୀ ଟିଟୋରେଲି, ଆଡଭୋକେଟ୍ ହଲ୍ଡଙ୍କ ଭଳି ବ୍ୟକ୍ତିଙ୍କଠାରୁ ସାହାଯ୍ୟ ନେବାକୁ ଯାଆନ୍ତି । ଆଉ ଯେଉଁଠି ତାଙ୍କ ଦୋଷ ରହିଛି, ସେଠାରେ ହିଁ ସେ କିଛି ଭୁଲ ନକରି ନିଜକୁ ଦୋଷହୀନ ପ୍ରମାଣିତ କରିବାକୁ ଚେଷ୍ଟା କରନ୍ତି । ଔପନ୍ୟାସିକ ଏଠାରେ କେ.ଙ୍କ ବିବାଦକୁ ନିଜ ଭୟ, ପରିଚୟ ଏବଂ ଆତ୍ମ ନିନ୍ଦା ସହିତ ବର୍ଣ୍ଣନା କରିବାକୁ ଚେଷ୍ଟା କରିଛନ୍ତି, କାରଣ ଗିରଫ ହେବା ଦିନଠାରୁ ସେ ମାନସିକ ଭାବରେ ଗିରଫ ହୋଇସାରିଥାନ୍ତି ଏବଂ ତାଙ୍କ ପୂର୍ବ ପରିଚୟ ପ୍ରତିଷ୍ଠା କରିବା ପାଇଁ ନିଜକୁ ମୁକ୍ତ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରନ୍ତି । ଏଠାରେ ଚରିତ୍ର ମଧ୍ୟରେ ଅସ୍ତିତ୍ୱବାଦୀ ଭାବକୁ ଅନୁମାନ କରାଯାଇପାରେ ।

ଉପନ୍ୟାସର ଶେଷରେ ମଧ୍ୟ କେ. ଙ୍କ ସଂଘର୍ଷ ଅସଫଳ ରହିଛି । ନିଜକୁ ଦୋଷମୁକ୍ତ କରିବାର ଶତ ପ୍ରାୟସ କରି ସେ କେବଳ ବିଫଳ ହୋଇ ନାହାନ୍ତି ବରଂ ଭିନ୍ନ ଭିନ୍ନ ପରିସ୍ଥିତିରେ ବିଭିନ୍ନ କାରଣକୁ ନେଇ ସେ ନିଜକୁ ଜଣେ ଦୋଷୀ ଭାବରେ ପାଇଛନ୍ତି । ଉପନ୍ୟାସର ଅନ୍ତିମ ବେଳକୁ ଫଁସିଖୁଣ୍ଟ କେ. ଙ୍କ ଗଳାରେ ଥିବା ବେଳେ ଅନ୍ୟ ଜଣକ ଛୁରୀଟିକୁ ତାଙ୍କ ହୃଦୟରେ ଠେଲି ଦେଇ ସେଠାରେ ଦୁଇଥର ବୁଲାଇ ଦେଇଥିଲେ । ବିଫଳ ଆଖିରେ କେ. ତାଙ୍କ ଜୀବନର ଅନ୍ତିମ ଯାତ୍ରାକୁ ଲକ୍ଷ୍ୟ କରିଛନ୍ତି । ମୃତ୍ୟୁ ପୂର୍ବରୁ ତାଙ୍କର ଶେଷଉକ୍ତି ରୂପେ ସେ ପ୍ରକାଶ କରନ୍ତି "ଠିକ୍ କୁକୁର ଭଳି" । "With the failing eyes K. could . . . see . . . the final act. 'Like a dog!' he said . . ." It is "the shame of it" that is "to outlive him." (Kafka, The Trial, 211) ।

ଏହି ଉପନ୍ୟାସର ଦୁଇଟି ପ୍ରମୁଖ ଅଂଶ ମଧ୍ୟରେ ସମଗ୍ର ଉପନ୍ୟାସର କଥାବସ୍ତୁକୁ ମାର୍ମିକ ଭାବରେ ବୁଝି ହେବ ଯେଉଁଠି ପ୍ରଥମ ଅଂଶ ଦର୍ଶାଏ ଯେ, ଏକ ଆଧୁନିକ ସହରରେ ସହରୀ ଅସ୍ତିତ୍ୱର ଭ୍ରମ ମାଧ୍ୟମରେ ଏକ ଅନୁସନ୍ଧାନମୂଳକ ଯାତ୍ରା, ଯେଉଁଠାରେ କେ. ଏକ ସମ୍ଭାବ୍ୟ ଅର୍ଥପୂର୍ଣ୍ଣ ଏବଂ ଦୋଷହୀନ ଜୀବନ ଖୋଜିବାରେ ଏକ ବର୍ଷ ବିତାଇଥିଲେ । କିନ୍ତୁ ଶେଷ ଅଂଶ ବେଳକୁ ସେ ଅଜ୍ଞାତ ଭୁଲ ପାଇଁ ଏକ ଅର୍ଥହୀନ ମୃତ୍ୟୁ ପାଇଥିଲେ ଠିକ ଗୋଟିଏ ବୁଲାକୁକୁର ପରି ଏବଂ ସାଧାରଣ ଜୀବନ ବଞ୍ଚିବାର ଆଶା ନେଇ ସେ ତାଙ୍କ ପଛରେ କେବଳ ମୃତ୍ୟୁର ଲଜ୍ଜା ଛାଡି ଯାଇଛନ୍ତି । ପ୍ରକୃତରେ ଏହି ଉପନ୍ୟାସରେ ଔପନ୍ୟାସିକ ଜୀବନ ଓ ସଂଘର୍ଷର ଚିତ୍ରକୁ ଅତିବାସ୍ତବବାଦୀ ଢଙ୍ଗରେ ଉପସ୍ଥାପନ କରିବାରେ ସକ୍ଷମ ହୋଇଛନ୍ତି ।

### ଦି କ୍ୟାସଲ୍ (Das Schloß, 1926):

ଟ୍ରାଏଲର ଉଦଘାଟନ ପରି, କ୍ୟାସଲ୍ ବିନା କୌଣସି ପରଦା ଉତ୍ତୋଳନରେ ଆରମ୍ଭ ହୁଏ । କାହାଣୀ ଆମକୁ ସିଧାସଳଖ ଏକ ଦିନର ଅବସାନ ବେଳା ସନ୍ଧ୍ୟାର ନିର୍ଦ୍ଦିଷ୍ଟ ସମୟକୁ ନେଇଯାଏ । "It was late in the evening" (Kafka, The Castle 9) । ଏଠାରେ ଏକ ଛୋଟ ବରଫ ଘେରା ଗାଁର ବର୍ଣ୍ଣନା ରହିଛି, ଯାହାର ଘରଗୁଡ଼ିକ ଏକ ପାହାଡ ଉପରେ ନିର୍ମିତ ଦୁର୍ଗର ଆଧିପତ୍ୟରେ ରହିଛି । ଏହି ଦୁର୍ଗ ଅଞ୍ଚଳକୁ ଉପନ୍ୟାସର ନାୟକ କେ. ଯିଏ ତିରିଶ ବର୍ଷ ବୟସର ଯୁବକ, ଯାହାର ଅତୀତର କୌଣସି ପରିଚୟ ନାହିଁ ସେ ବର୍ତ୍ତମାନକୁ ନେଇ ବଞ୍ଚୁଥିବା ଏକ ସ୍ଥିତିବାଦୀ ଚରିତ୍ର ଅଟନ୍ତି । ସେ ନିଜକୁ ଜଣେ ଜମି ନିରିକ୍ଷକ(Land Surveyor) ବୋଲି ମିଥ୍ୟା ପରିଚୟ ଦେଇ ସେ ଅଞ୍ଚଳରେ ରହିବାର ଆଶା ପୋଷଣ କରିଛନ୍ତି । ଔପନ୍ୟାସିକଙ୍କ ପୂର୍ବ ଉପନ୍ୟାସ ସହ ତୁଳନା କଲେ 'ଦି ଟ୍ରାଏଲ'ର ନାୟକ ପରୀକ୍ଷଣର ନିଷ୍କ୍ରିୟ ଶିକାର ହୋଇଥିବା କେ., ଉକ୍ତ ଉପନ୍ୟାସରେ ଜଣେ ସାହସୀ ଓ ଆକ୍ରମଣାତ୍ମକ ନାୟକ ପାଲଟିଯାଇଛନ୍ତି । କ୍ୟାସଲକୁ ତାଙ୍କୁ ଭୟ କରିବାର କିଛି ଆବଶ୍ୟକତା ନାହିଁ । ଏଠାରେ ନାୟକର ସ୍ଥିତିବାଦୀ ଦୃଷ୍ଟିଭଙ୍ଗୀ ଅନ୍ୟ ନାୟକମାନଙ୍କ ତୁଳନାରେ ଅଧିକ ଦୃଢ ବୋଲି କୁହାଯାଇପାରେ ।

ଗ୍ରାମରେ ପହଞ୍ଚିବା ପରେ କେ.ଙ୍କ ପର୍ଯ୍ୟବେକ୍ଷଣ, ଶ୍ୱାର୍ଜର (Schwarzer)ଙ୍କ ସହ ତାଙ୍କର ବାର୍ତ୍ତାଳାପର ବର୍ଣ୍ଣନା, କେ. ଏବଂ କ୍ୟାସଲର କର୍ତ୍ତୃପକ୍ଷ କିପରି ପରସ୍ପରକୁ ପରାସ୍ତ କରିବାକୁ ସଂଘର୍ଷ କରନ୍ତି ସେଥିରେ କୁହୁକ ବାସ୍ତବବାଦ (ଉତ୍ତରାଧୁନିକ ବୈଶିଷ୍ଟ୍ୟ)ର ପ୍ରତିଫଳନକୁ ଲକ୍ଷ୍ୟ କରାଯାଇପାରେ । ଉପନ୍ୟାସ ଭିତରେ କାଫ୍କା କିଛି ମାତ୍ରାରେ ଉପନ୍ୟାସର ସ୍ରଷ୍ଟା ଭାବରେ ମଧ୍ୟ ପ୍ରବେଶ କରିଛନ୍ତି । କ୍ୟାସଲର ନାୟକ ଅର୍ଥାତ୍ କେ. ଅନୁସନ୍ଧାନ କରି ସୀମିତ ପ୍ରଗତି ହାସଲ କରିପାରନ୍ତି, କିନ୍ତୁ କ୍ୟାସଲରେ ପ୍ରବେଶ କରିବା ସମ୍ଭବ ନଥିଲା । ଉତ୍ତର ଆଧୁନିକ ସିଦ୍ଧାନ୍ତ ଦୃଷ୍ଟିରୁ ବିଚାର କଲେ, ସ୍ୱୀକୃତି ପାଇଥିବା ଲ୍ୟାଣ୍ଡ ସର୍ଭେୟରର କେ.ଙ୍କ ପରିଚୟ ଉପନ୍ୟାସରେ ଜ୍ୟାକ୍ ଡେରିଡ଼ାଙ୍କ ଅସ୍ଥାୟୀ ଅର୍ଥର ଏକ ଉଦାହରଣ, ଯାହା ଉପନ୍ୟାସର ଏକ ଅଧ୍ୟାୟରେ ସ୍ପଷ୍ଟ ହୋଇଛି ।

ଦୁର୍ଗରେ ପ୍ରବେଶ କରିବା ପାଇଁ କେ.ଙ୍କ ପ୍ରୟାସ ଯେତିକି ଆଗକୁ ବଢିଥିଲେ ହେଁ, ତାଙ୍କ ଅନୁସନ୍ଧାନର ଅଗ୍ରଗତି ସୀମିତ ଥିଲା । କେ. ନିରନ୍ତର ଅନୁସନ୍ଧାନ କରନ୍ତି ଦୁର୍ଗକୁ ପହଞ୍ଚିବା ପାଇଁ, କିନ୍ତୁ ଦୁର୍ଗରେ ପହଞ୍ଚିବାର କାର୍ଯ୍ୟ ୟୁଟୋପିଆରେ ପହଞ୍ଚିବା ସହ ସମାନ, ଯାହା ପୂର୍ଣ୍ଣତଃ କାଳ୍ପନିକ ଅଟେ ଏବଂ ସେଠି କେବେ ବି ପହଞ୍ଚି ହେବ ନାହିଁ । ଏହା ହେଉଛି ସତ୍ୟ ଯାହାକୁ କେ. ଗ୍ରହଣ କରିବାକୁ ଚାହାଁନ୍ତି ନାହିଁ ଏବଂ ଏହା ହେଉଛି କାଫ୍କାଙ୍କ ମନରେ କ୍ୟାସଲ ଲେଖିବାର ମୂଳ ଲକ୍ଷ୍ୟ କିନ୍ତୁ ଏହାର ଶେଷ ଅଧ୍ୟାୟ କାଫ୍କା ଲେଖି ପାରି ନଥିଲେ । ବ୍ରୋଡ୍ ଏହି ଉପନ୍ୟାସ ସମ୍ପର୍କରେ କାଫ୍କାଙ୍କ ସାମଗ୍ରିକ ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ । 'Kafka never wrote the concluding chapter. But he told me about it once when I asked him how the novel was to end. The ostensible Land Surveyor was to find partial satisfaction at least. He was not to relax in his struggle, but was to die worn out by it. Round his death-bed the villagers were to assemble, and from the Castle itself the word was to come that though K.'s legal claim to live in the village was not valid, yet, taking certain auxiliary circumstances into account, he was to be permitted to live and work there' (Kafka, The Castle 7) । ତେଣୁ କାଫ୍କାଙ୍କ 'ଦ କ୍ୟାସଲ'କୁ କେ.ଙ୍କ 'ଆଂଶିକ ସନ୍ତୋଷ'ର ଅଧ୍ୟୟନ ଭାବରେ ବିବେଚନା କରାଯାଇପାରେ, କାରଣ ଏହି ଆଂଶିକ ଏବଂ ଅସ୍ଥାୟୀ ସନ୍ତୋଷ ହିଁ ଏହି ଉତ୍ତରାଧୁନିକ ସମାଜରେ ହାସଲ

କରାଯାଇପାରିବ । ଏଠି ଆମେ ପୂର୍ଣ୍ଣତା ପାଇଁ ସଂଘର୍ଷ କରୁଛୁ କିନ୍ତୁ ଶେଷରେ ଆଂଶିକ ପୂର୍ଣ୍ଣତା ସହିତ ନିଜକୁ ସନ୍ତୁଷ୍ଟ କରିବାକୁ ପଡିବ ଯାହା ଉପନ୍ୟାସର ମର୍ମବାଣୀ ବୋଲି କୁହାଯାଇପାରେ ।

ଯଦିଓ କେ. ଗାଁରେ ତାଙ୍କର ଉପଯୁକ୍ତ ସ୍ଥାନ ପାଇବାରେ ଅସମର୍ଥ ଅଟନ୍ତି ଏବଂ ଶେଷରେ ମୃତ୍ୟୁବରଣ କରୁଥିବା ଜଣେ ଏକାକୀ ଅପରିଚିତ ବ୍ୟକ୍ତିଙ୍କ ମଧ୍ୟରେ ଏକ ଅପରିଚିତ ସ୍ଥାନରେ ସୀମିତ ହୋଇଯାଇଛନ୍ତି, କିନ୍ତୁ କେ.ଙ୍କ ପ୍ରୟାସ ଦୁଃଖଦ ଭାଗ୍ୟରେ ପରିଣତ ହୁଏ ନାହିଁ । ଉପନ୍ୟାସର ଶେଷରେ ଯଦିଓ କେ. ମୃତ୍ୟୁବରଣ କରନ୍ତି, କିନ୍ତୁ ସେ ଗ୍ରାମବାସୀଙ୍କୁ ଶିକ୍ଷା ଦେଇଯାଆନ୍ତି, କାରଣ ମାନବିକ ଅଧିକାର ମୂଲ୍ୟବାନ ହୋଇପାରେ, ଏବଂ ଦୁର୍ଗର ଶାସନ ଈଶ୍ୱରୀୟ ନିୟମ ନୁହେଁ । ଏହା ସତ ଯେ ଉପନ୍ୟାସରେ କେ. କାସଲର ଉଚ୍ଚ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ତାଙ୍କର ଲଢ଼େଇରେ ସମ୍ପୂର୍ଣ୍ଣ ସଫଳ ହୋଇନାହାଁନ୍ତି, କିନ୍ତୁ ସେ ଜଣେ ଉଦାହରଣୀୟ ବ୍ୟକ୍ତିତ୍ୱ ହୋଇ ରହିଛନ୍ତି । କାରଣ 'ଦି କ୍ୟାସଲ୍'ର କେ. 'ଦି ଟ୍ରାଏଲ୍'ର ଜୋସେଫ କେ.ଙ୍କ ତୁଳନାରେ ସିଷ୍ଟମ ଆଗରେ ଆତ୍ମସମର୍ପଣ କରିବାକୁ ମନା କରିଦିଅନ୍ତି ।

କାଫ୍କାଙ୍କ ଅଧିକାଂଶ କୃତି ପରି, କ୍ୟାସଲ ମଧ୍ୟ ରହସ୍ୟମୟ ଏବଂ ବହୁମୁଖୀ ଅଟେ । ରାଜନୈତିକ ପ୍ରେକ୍ଷାପଟରୁ ବିଚାର କଲେ, ଆଧୁନିକ ରାଷ୍ଟ୍ରରେ ବିଭାଜିତ ହେବା ପରେ ଏହା(ଦୁର୍ଗ) ବିସ୍ତାରିତ ଅଷ୍ଟ୍ରୋ-ହଙ୍ଗେରୀ ସାମ୍ରାଜ୍ୟର ରୂପକ ନା ଏହି ବିଷୟ ପାଇଁ ଏକ ନୂତନ ସ୍ୱାଧୀନତା ପ୍ରଦାନ କରୁଥିବା ଏକ ଅର୍ଦ୍ଧ ସାମନ୍ତବାଦୀ ବ୍ୟବସ୍ଥା, ତାକୁ ନେଇ ଔପନ୍ୟାସିକ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ଏକ ପ୍ରଭାବଶାଳୀ ସଂସ୍କୃତିରେ ସ୍ୱୀକୃତି ଏବଂ ଏକୀକରଣ ପାଇଁ ଏହା ଏକ କେନ୍ଦ୍ରୀୟ ୟୁରୋପୀୟ ଇହୁଦୀଙ୍କ ଅନୁସନ୍ଧାନ ବୋଲି ମଧ୍ୟ କୁହାଯା ପରେ ଯେଉଁଠି ନାୟକ ଭାବରେ କାଫ୍କା ନିଜେ ନିଜକୁ ଚିତ୍ରିତ କରିଛନ୍ତି । ଏହା କୃପା କିମ୍ବା ମୁକ୍ତି ପାଇଁ ଏକ ଆଧ୍ୟାତ୍ମିକ ଅନୁସନ୍ଧାନ, ନା ଜଣେ ବ୍ୟକ୍ତିର ସ୍ୱାଧୀନ ଭାବନା ଏବଂ ଅନୁମୋଦନର ଆବଶ୍ୟକତା ମଧ୍ୟରେ ସଂଘର୍ଷ, ତାହା ମଧ୍ୟ ଏକ ପ୍ରଶ୍ନବାଚୀ ! "Is K. an opportunist, a victim, or an outsider battling against an elusive authority? Is the Castle a benign source of authority or a whimsical system of control? Like K., the reader is presented with conflicting perspectives that rehearse the existential dilemmas and uncertainties of literary modernity" (Williams, The Castle (2009)

ମୋଟ ଉପରେ କୁହାଯାଇପାରେ, 'ଦି କ୍ୟାସଲ'ରେ କାଫ୍କା ଅମଲାତାନ୍ତ୍ରିକ ବେସରକାରୀ ଆଇନ ଉପରେ ଆଲୋକପାତ କରିଛନ୍ତି, ଯେଉଁଠାରେ ଜଣେ ଜମି ସର୍ବେକ୍ଷକ କେ.ଙ୍କୁ କାସଲ ଦ୍ୱାରା ଏକ ଗାଁରେ ନିର୍ବାସନ ପାଇଁ ଦଣ୍ଡିତ କରାଯାଇଛି । ସେଠାକାର କର୍ତ୍ତୃପକ୍ଷ ଦୁର୍ଗରେ ପହଞ୍ଚି ତାଙ୍କୁ ବ୍ୟବସ୍ଥା ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ କରିବାକୁ ଚେଷ୍ଟା କରିବାରେ ବିଫଳ ହୋଇଥିଲେ । ତେଣୁ ଆମେ କହିପାରିବା ଯେ କାଫ୍କାଙ୍କ କୃତି ମୁଖ୍ୟତଃ ଆଇନଗତ ବିଷୟବସ୍ତୁ ଉପରେ ଆଧାରିତ ଏବଂ ଜଣେ ବୃତ୍ତିଗତ ଓକିଲ ଭାବରେ କାଫ୍କା ତାଙ୍କ କଥାସାହିତ୍ୟକୁ ଏହାର ପ୍ରଭାବରୁ ମୁକ୍ତ କରିପାରି ନଥିଲେ ।

### ଆମେରିକା (Amerika or Der Verschollene, 1927):

କାଫ୍କାଙ୍କ ଅନ୍ୟତମ ଚର୍ଚ୍ଚିତ ଉପନ୍ୟାସ "ଆମେରିକା" ଯାହା ଅନ୍ୟନାମ "ଦି ମ୍ୟାନ୍ ହୁ ଡିସେପିଅର୍ଡ୍" (The Man who Disappeared) ଭାବରେ ମଧ୍ୟ ପରିଚିତ, ଏହା ୧୯୨୭ ମସିହାରେ କାଫ୍କାଙ୍କ ମରଣୋତ୍ତର ଉପନ୍ୟାସ ଭାବରେ ପ୍ରକାଶିତ ହୋଇଥିଲା । ଏହି ଉପନ୍ୟାସର ମୂଳ ୧୮୯୮-୯୯ ମସିହାରେ କାଫ୍କାଙ୍କ ପିଲାଦିନରୁ ଆରମ୍ଭ ହୋଇଥିଲା, ଯେତେବେଳେ ସେ ଦୁଇ ୟୁରୋପୀୟ ଭାଇଙ୍କ ମଧ୍ୟରେ ଝଗଡ଼ାକୁ ନେଇ ଏକ ଉପନ୍ୟାସ ଲେଖିବାକୁ ଯୋଜନା କରିଥିଲେ, ସେମାନଙ୍କ ମଧ୍ୟରୁ ଜଣେ ଆମେରିକା ଯାଇଥିଲେ ଏବଂ ଅନ୍ୟଜଣେ ୟୁରୋପୀୟ ଜେଲରେ ରହିଥିଲେ । ୧୯୧୧ ମସିହା ଜାନୁଆରୀ ୧୯ ତାରିଖରେ ତାଙ୍କ ଡାଏରୀ ଲେଖାରୁ ଏହା ବିଷୟରେ ସ୍ପଷ୍ଟ ସୂଚନା ରହିଛି । "Once I projected a novel in which two brothers fought each other, one of whom went to America while the other remained in a European prison. I only now and then began to write a few lines, for it tired me at once (Brod, The Diaries of Franz Kafka 33) ।"

କାଫ୍କା ପ୍ରକୃତରେ ୧୯୧୧-୧୯୧୨ ମଧ୍ୟରେ ଏହି ଉପନ୍ୟାସ ଲେଖିବା ଆରମ୍ଭ କରିଥିଲେ ଏବଂ ୧୯୧୪ ମସିହା ବେଳକୁ ଏହା ଉପରେ କାମ ଜାରି ରଖିଥିଲେ । ୧୯୧୩ ମସିହାରେ ସେ ଏହି ଉପନ୍ୟାସର ପ୍ରାରମ୍ଭିକ ଅଧ୍ୟାୟ 'ଦ ଷ୍ଟୋକର' (The Stoker)କୁ ପୃଥକ ଭାବରେ ପ୍ରକାଶ କରିବାକୁ ସ୍ଥିର କରିଥିଲେ । ମେ ୧୯୧୩ରେ Der Jungste Tag (Judgment Day) ନାମକ ଏକ ନୂତନ ପତ୍ରିକାର ଅଂଶ ଭାବରେ 'ଦ ଷ୍ଟୋକର' ପ୍ରକାଶ ପାଇଥିଲା । 'ଦ ଷ୍ଟୋକର'ର ସରଳ କାହାଣୀରେ କାର୍ଲ ରୋସମ୍ୟାନ୍ (Karl Rossmann)ର ନ୍ୟୁୟର୍କ ଆଗମନ ବିଷୟରେ କୁହାଯାଇଛି ।

'ଆମେରିକା' ହେଉଛି କାଫ୍କାଙ୍କର ସବୁଠାରୁ ରଙ୍ଗୀନ ଉପନ୍ୟାସ ଯାହା ତାଙ୍କର ଅନ୍ୟ ଉପନ୍ୟାସଠାରୁ ଭିନ୍ନ, କାରଣ ତାଙ୍କର ଅନ୍ୟ ଦୁଇଟି ଉପନ୍ୟାସ ୟୁରୋପର ଅନ୍ଧାର, ଅଜ୍ଞାତ, କାଳ୍ପନିକ ସହର ଏବଂ ଅଜବ ଗ୍ରାମ ଉପରେ ଆଧାରିତ ଯାହା ଅଷ୍ଟ୍ରୋ-ହଙ୍ଗେରିଆନ ସାମ୍ରାଜ୍ୟର ସାମଞ୍ଜସ୍ୟ ପ୍ରଦାନ କରେ । କିନ୍ତୁ ଆମେରିକା ଉପନ୍ୟାସଟି ବିଂଶ ଶତାବ୍ଦୀର ପ୍ରାରମ୍ଭରେ ନ୍ୟୁୟର୍କ, ବୋଷ୍ଟନ, ସାନ୍ ଫ୍ରାନ୍ସିସ୍କୋ,

ଆମେରିକୀୟ ଲ୍ୟାଣ୍ଡସ୍କେପ୍ ଏବଂ ହଡସନ ନଦୀ ପରି ବାସ୍ତବ ଭୌଗୋଳିକ ଅବସ୍ଥିତି ସହିତ ଏକ ବାସ୍ତବ ରଙ୍ଗୀନ ଦୃଶ୍ୟକୁ ଉପସ୍ଥାପନ କରେ । ଉପନ୍ୟାସର ଭ୍ରମଣ କାହାଣୀ ଏବଂ ପିକାରେସ୍କ ଫର୍ମାଟ ତାଙ୍କର ଅନ୍ୟ ଦୁଇଟି ଉପନ୍ୟାସ ତୁଳନାରେ ସୁଖପାଠ୍ୟ । କାଫ୍କାଙ୍କ ଉପନ୍ୟାସ ଗୁଡିକର ସମାନ୍ତରାଳ ଅଧ୍ୟୟନ ଦୃଷ୍ଟିରୁ ୱାଲ୍ଟର ବେଞ୍ଜାମିନ୍ 'କାର୍ଲଙ୍କୁ କାଫ୍କାଙ୍କ ଉପନ୍ୟାସର ନାୟକ କେ.ଙ୍କ ସୁଖୀ ଅବତାର' ବୋଲି କହନ୍ତି । ଆମେରିକା ଷୋଳ ବର୍ଷବୟସ୍କ ପ୍ରବାସୀ କାର୍ଲ ରସ୍ମାନର ସନ୍ଧାନକୁ ବିଷୟରେ ବର୍ଣ୍ଣନା କରେ ଯେତେବେଳେ ସେ ଏକ ଅଜଣା ଅଞ୍ଚଳ ଦେଇ ଯାତ୍ରା କରେ ଏବଂ ଏକ ବଡ଼ ଲାଇନରରେ ନ୍ୟୁୟର୍କ ବନ୍ଦରରେ ପହଞ୍ଚେ । ଏଥିପାଇଁ ସେ ଜଣେ ଚାକରାଣୀ ଜୋହାନାଠାରୁ ପ୍ରଲୋଭିତ ହୋଇଥିଲା ।

ଏହା ଏପରି ଏକ ଆମେରିକା ଯେଉଁଠାରେ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ହାତରେ ଥିବା ଖଣ୍ଡା କେବଳ କାର୍ଲ ରସ୍ମାନ୍‌ଙ୍କ ଭଳି ବ୍ୟକ୍ତିଙ୍କ ପାଇଁ ଆତଙ୍କ, କ୍ଷତି ଏବଂ ଅଧିକାରର ପ୍ରତିନିଧିତ୍ୱ କରେ । କାର୍ଲ ଯେତେବେଳେ ଜାହାଜ ଛାଡିବାକୁ ଯାଏ, ସେତେବେଳେ ନ୍ୟୁୟର୍କରେ ପହଞ୍ଚିବା ପରେ ସେ ଅନୁଭବ କରେ ଯେ ସେ ତା' ଛତା ଭୁଲିଯାଇଛି । ନିଜ ଭୁଲି ଯାଇଥିବା ଛତା ଖୋଜିବା ସମୟରେ, ସେ ଜାହାଜର ଷ୍ଟୋକରକୁ ସାକ୍ଷାତ କରେ, ଯିଏ କାର୍ଲକୁ ତାର କୋଠରୀକୁ ନିମନ୍ତ୍ରଣ କରିବା ପରେ, ତା'ର ରୋମାନୀୟ ଉପରିସ୍ଥ ସୁବାଲ(Schubal)ଙ୍କ ବିଷୟରେ ତା' ନିକଟରେ ଅଭିଯୋଗ କରେ, ଯିଏ କେବଳ ତା' ଜର୍ମାନ ଜାତି କାରଣରୁ ତାକୁ ଦୁର୍ବ୍ୟବହାର କରନ୍ତି । ଷ୍ଟୋକରଙ୍କ ନିର୍ଦ୍ଦୋଷତାକୁ ବିଶ୍ୱାସ କରି କାର୍ଲ ଜାହାଜର ଅଧିକାରୀଙ୍କ ନିକଟକୁ ଷ୍ଟୋକରଙ୍କ ମାମଲା ନେଇ ପହଞ୍ଚେ । ଅଫିସରଙ୍କ କୋଠରୀ ପ୍ରତୀକାତ୍ମକ ଭାବରେ ଏକ ଆମେରିକୀୟ ନ୍ୟାୟିକ ଅଦାଲତକୁ ପ୍ରତିନିଧିତ୍ୱ କରେ ଯେଉଁଥିରେ କାର୍ଲ ଜଣେ ଓକିଲ ଭୂମିକା ନିର୍ବାହ କରେ, ଯେଉଁଥିରେ ସୁବାଲଙ୍କ ଜର୍ମାନ ବିରୋଧୀ ଭେଦଭାବରୁ ତାଙ୍କ କ୍ଲାଏଣ୍ଟ ଷ୍ଟୋକରଙ୍କୁ ରକ୍ଷା କରିବାକୁ ଚେଷ୍ଟା କରେ । କିନ୍ତୁ କାର୍ଲକୁ କୌଣସି ଦୃଢ଼ ପ୍ରମାଣ ନ ମିଳିବାରୁ ସେ ଷ୍ଟୋକରର ନିର୍ଦ୍ଦୋଷତାକୁ ପ୍ରମାଣିତ କରିବ କିମ୍ବା ଅସ୍ୱୀକାର କରିବ; ବରଂ ଅଫିସରମାନେ କେବଳ ଷ୍ଟୋକରଙ୍କ ଉପରକୁ ଅଭିଯୋଗ ଆଣି ତାଙ୍କୁ 'ଏକ କୁଖ୍ୟାତ ଜୁଆଡ଼ି' ବୋଲି କୁହନ୍ତି, ଯିଏ ଇଞ୍ଜିନ୍-ରୁମ୍ ଅପେକ୍ଷା ପେ-ରୁମ୍‌ରେ ଅଧିକ ସମୟ ବିତାଏ । କୋଠରୀରେ ଥିବା ଜଣେ ଭଦ୍ର ବ୍ୟକ୍ତି ନିଜକୁ କାର୍ଲଙ୍କ କାକା ସିନେଟର ଜାକବ(Senator Jacob) ବୋଲି ପରିଚୟ ଦିଅନ୍ତି । ଏହି ମୁହୂର୍ତ୍ତରେ, କାର୍ଲ ଏହି ନୂତନ ଭାବରେ ମିଳିଥିବା ସଂଯୋଗକୁ ଶ୍ରେୟ ମନେକରି, ମିଳିଥିବା ସମ୍ଭାବ୍ୟ ସୁଯୋଗରେ ପ୍ରଲୋଭିତ ହୋଇ କାକା ଜାକବଙ୍କ ସହିତ ଚାଲିଯାଏ । ଉକ୍ତ ଉପନ୍ୟାସରେ ଏକ ସୁଖାନ୍ତ ପରିଣତିରେ ଆମେରିକୀୟ ବ୍ୟବସ୍ଥା ସହ ପାଠକ ପରିଚିତ ହୁଅନ୍ତି । ଆହୁରି ମଧ୍ୟ ଏକ ସଫଳ ପିକାରେସ୍କ ଉପନ୍ୟାସ(Picaresque Novel) ଭାବରେ କାର୍ଲର ଯାତ୍ରାକୁ ଏଠାରେ ଦର୍ଶାଯାଇଛି ।

ଭୌଗୋଳିକ ଏବଂ କାଳ୍ପନିକ ଭାବରେ କାଫ୍କାଙ୍କ କଥାସାହିତ୍ୟ ପ୍ରାଗ୍ ସହରରେ ଅବସ୍ଥିତ, ଯାହା କାଫ୍କା ପାଇଁ ଏକ ଉପଯୁକ୍ତ ପୃଷ୍ଠଭୂମି ଭାବରେ ଦେଖାଯାଉଥିଲା । ବିଶେଷତଃ ତାଙ୍କ ଉପନ୍ୟାସ ସମ୍ପର୍କରେ କହିବାକୁ ଗଲେ ସଂଘର୍ଷ,ନୀତିର ଅନୁପସ୍ଥିତି ଓ ରାଜନୀତି ସହିତ ବିଚ୍ଛିନ୍ନ ସମ୍ପର୍କ ଆଦି ପ୍ରସଙ୍ଗକୁ ନେଇ ସେ ଏକ ସବଳ ଔପନ୍ୟାସୀୟ କାନଭାସ୍ ଗଠନ କରିବାରେ ସଫଳ ହୋଇଛନ୍ତି, ଯାହା ତାଙ୍କ ଲେଖାର ବିଷୟବସ୍ତୁ ରଚନା କରୁଥିବା ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରୁ ଅନ୍ୟତମ । ତାଙ୍କ ଉପନ୍ୟାସରେ ଚରିତ୍ର, ଚିତ୍ର ଏବଂ କର୍ତ୍ତୃପକ୍ଷଙ୍କ ଭୂମିକା ଆଧୁନିକ ୟୁରୋପର ପ୍ରତିମୂର୍ତ୍ତିକୁ ଉପସ୍ଥାପିତ କରେ, ଯେଉଁଠାରେ ଜଣେ ଆଧୁନିକ ମଣିଷ ନିଜ ଦେଶରେ ରହି ମଧ୍ୟ ବିଚ୍ଛିନ୍ନ ହୋଇଯାଏ । 'ଦି ଟ୍ରାଏଲ' ଉପନ୍ୟାସରେ ଯୋଶେଫ କେ. ତାଙ୍କ ନିଜ ସହରରେ ନିର୍ବାସିତ ପରି ଜୀବନ ବିତେଇଛନ୍ତି କାରଣ ତାଙ୍କୁ ଏକ ଶକ୍ତିଶାଳୀ କିନ୍ତୁ ଅଜ୍ଞାତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗିରଫ କରାଯାଇଛି ଯେଉଁଥିରୁ ସେ ଦଣ୍ଡମୁକ୍ତ ହେବାରେ ଅକ୍ଷମ ହୋଇ ବ୍ୟକ୍ତିଗତ କ୍ଷେତ୍ରରେ ଏପରି କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁପ୍ରବେଶର ଶିକାର ହୁଅନ୍ତି । ତାଙ୍କର ଦୁର୍ଦ୍ଦଶା ହେଉଛି ନିର୍ବାସନ ଏବଂ ପରିଶେଷରେ ମୃତ୍ୟୁଲାଭ କରିବା । ସେହିଭଳି 'ଦି କ୍ୟାସଲ'ରେ କେ. ଗାଁରେ ନିଜର ଉପଯୁକ୍ତ ସ୍ଥାନ ପାଇପାରୁ ନାହାନ୍ତି, ଯାହାକୁ ସେ ଚାହୁଁଥିଲେ ଏବଂ ଏକ ଅପରିଚିତ, ଶେଷରେ ମୃତ୍ୟୁବରଣ କରୁଥିବା ଜଣେ ଏକାକୀ ଅପରିଚିତ ବ୍ୟକ୍ତିରେ ପରିଣତ ହୋଇଛନ୍ତି । କାର୍ଲ ରସ୍ମାନ୍ ମଧ୍ୟ 'ଆମେରିକା'ରେ ନିଜର ଆମେରିକୀୟ ସ୍ୱପ୍ନ ପୂରଣ କରିବା ପାଇଁ ସଂଘର୍ଷ କରୁଛି । ସେ ଏକ ଉନ୍ନତ ଭବିଷ୍ୟତ ପାଇଁ ଆଶା କରିଛି କିନ୍ତୁ ସେ କେବଳ ଅନ୍ୟାୟ, ନିରାଶା ଏବଂ ବିଫଳତା ହାସଲ କରନ୍ତି ଯାହା ତାକୁ ଏକ ଅଦୃଶ୍ୟ ମଣିଷରେ ସୀମିତ କରିଦିଏ, କାରଣ ଶେଷରେ ସେ ତାଙ୍କର ପ୍ରକୃତ ପରିଚୟ, ତାଙ୍କର ପ୍ରକୃତ ନାମ ହରାଇବସିଛି ଏବଂ ନିଜକୁ ଜଣେ ନିଗ୍ରୋ ଭାବରେ ସ୍ୱୀକାର କରିବାକୁ ପଡିଛି । କାଫ୍କା ତାଙ୍କ କଥାସାହିତ୍ୟରେ ସବୁବେଳେ ସାଂସ୍କୃତିକ ଏବଂ ରାଜନୈତିକ ପରିସ୍ଥିତି ଦ୍ୱାରା ଛୋଟ ହୋଇଥିବା ଚରିତ୍ରମାନଙ୍କ ଜୀବନକୁ ପ୍ରତିଫଳିତ କରିଛନ୍ତି ।

ଗଳ୍ପ ହେଉ କିମ୍ବା ଉପନ୍ୟାସ ପ୍ରତି କ୍ଷେତ୍ରରେ ତାଙ୍କ ଅଭିବ୍ୟକ୍ତି ଓ ଉପସ୍ଥାପନା ଶୈଳୀ ବେଶ୍ ସ୍ୱତନ୍ତ୍ର । ଏହି ବର୍ଣ୍ଣନାଶୈଳୀକୁ ସମାଲୋଚକମାନେ "kafkaesque" ବା "କାଫ୍କାଏସ୍କ" ବୋଲି ଦର୍ଶାଇଥାନ୍ତି । କାଫ୍କା ଜଣେ ସାମାଜିକ ବ୍ୟଙ୍ଗାତ୍ମକ, ଜଣେ ଉତ୍ତମ କାରିଗର ଏବଂ ତାଙ୍କର କାର୍ଯ୍ୟଗୁଡ଼ିକ ସମାଜର ଚମତ୍କାର ଚିତ୍ର

ଉପସ୍ଥାପନରେ ପରିପୃଷ୍ଟ । ଆଧୁନିକ ଯୁଗର ଅମାନୁଷିକତା ଏବଂ ଅବୈଧତା ତାଙ୍କ ଲେଖାରେ ପ୍ରତିଫଳିତ ହୋଇଛି । ପ୍ରତ୍ୟେକ ବୃତ୍ତିରେ ଅମଲାତନ୍ତ୍ରର ଜିଦ୍ ଏବଂ ନମନୀୟ ମନୋଭାବ ପାଇଁ କାଫ୍କା ଅତ୍ୟନ୍ତ ସମ୍ବେଦନଶୀଳ ଥିଲେ । ଆଧୁନିକ ସମାଜରେ ବଞ୍ଚିବା ପାଇଁ ମନୁଷ୍ୟର ସଂଗ୍ରାମ ସହିତ ସେ ଅତ୍ୟନ୍ତ ଚିନ୍ତିତ ଥିଲେ । ସର୍ବୋପରି ନାଟକ, ଅପେରା, କଳା ଓ ସାହିତ୍ୟ କ୍ଷେତ୍ରରେ ଅନେକ ପିଢ଼ିର କଳାକାରଙ୍କୁ କାଫ୍କାଙ୍କ କଥାସାହିତ୍ୟ ପ୍ରଭାବିତ କରିଛି । କେବଳ କାଫ୍କାଙ୍କ ବ୍ୟକ୍ତିତ୍ୱ ନୁହେଁ ବରଂ ତାଙ୍କ ଦ୍ୱାରା ଚିତ୍ରିତ ଚରିତ୍ରମାନେ ମଧ୍ୟ କଳାକାରମାନଙ୍କୁ ପ୍ରଭାବିତ କରିଥିଲା । ଉଦାହରଣ ସ୍ୱରୂପ, କଳା, ନାଟ୍ୟ ଓ ସାହିତ୍ୟରେ 'ଦ ମେଟାମୋର୍ଫୋସିସ୍'ର ବିଶାଳକାୟ ପୋକ ଏକ ଶକ୍ତିଶାଳୀ ବିଷୟ ସାବ୍ୟସ୍ତ ହୋଇଥିଲା । ଡେଭିଡ୍ କ୍ରୋନେନବର୍ଗ(David Cronenberg)ଙ୍କ ଚଳଚ୍ଚିତ୍ର 'ଦ ଫ୍ଲାଇ ଆଣ୍ଡ ନେକେଡ୍ ଲଞ୍ଚ୍'(The Fly and Naked Lunch)ରେ ଦର୍ଶକଙ୍କ ପାଇଁ ରୋମାଞ୍ଚକର ଏବଂ ଆଶ୍ଚର୍ଯ୍ୟଜନକ ପ୍ରଭାବ ସୃଷ୍ଟି କରିବା ପାଇଁ ପୋକକୁ ରୂପକ ଭାବରେ ବ୍ୟବହାର କରାଯାଇଛି । ପୁନଶ୍ଚ, ଉଡି ଆଲେନ(Woody Allen)ଙ୍କ 'ଜେଲିଗ୍'(Zelig) ହାସ୍ୟ ଚଳଚ୍ଚିତ୍ରଟି ଆମେରିକା ଏବଂ ୟୁରୋପରେ ଆନ୍ତଃଯୁଦ୍ଧ ସମୟର କାହାଣୀ ଉପରେ ଆଧାରିତ ଯେଉଁଥିରେ ଆଲେନ୍ କାଫ୍କାଙ୍କ ପରି ବିଂଶ ଶତାବ୍ଦୀର ୟୁରୋପୀୟ ସମାଜର ଅମାନବୀୟ ଦୃଶ୍ୟ ଉପସ୍ଥାପନ କରିଛନ୍ତି । ପ୍ରଖ୍ୟାତ ଇଂରାଜୀ ଲେଖକ ଆଲବର୍ଟ କାମୁ(Albert Camus) ମଧ୍ୟ କାଫ୍କାଙ୍କ ଦ୍ୱାରା ପ୍ରଭାବିତ । ସେ କାଫ୍କାଙ୍କ ବିଷୟରେ ତାଙ୍କର ଧାରଣା "Hope and the Absurd in the Work of Franz Kafka' ପ୍ରବନ୍ଧରେ ଉପସ୍ଥାପନ କରିଛନ୍ତି । ସେ କାଫ୍କାଙ୍କୁ ପ୍ରଶଂସା କରି କହିଛନ୍ତି, "the whole art of Kafka consists in forcing the reader to reread" ଅର୍ଥାତ୍ "କାଫ୍କାଙ୍କ ସମସ୍ତ କଳାକୃତି ପାଠକମାନଙ୍କୁ ବାରମ୍ବାର ପଢ଼ିବାକୁ ବାଧ୍ୟ କରିବା ପାଇଁ ରଚିତ ହୋଇଥିଲା ।" କାମ୍ୟୁ କେବଳ କାଫ୍କାଙ୍କ ଠାରୁ ପ୍ରଭାବିତ ନୁହଁନ୍ତି ବରଂ ନିଜ ରଚନାରେ ତାଙ୍କ ଶୈଳୀକୁ ମଧ୍ୟ ଗ୍ରହଣ କରିଥିଲେ । କାମ୍ୟୁଙ୍କ 'ଦ ଷ୍ଟ୍ରେଞ୍ଜର'(The Stranger) ଅପରାଧ ଏବଂ ଦଣ୍ଡର ସମାନ ବିଷୟବସ୍ତୁକୁ ପରିବେଷଣ କରେ, ଯାହା କାଫ୍କାଙ୍କ 'ଦ ଟ୍ରାଏଲ୍' ସହିତ ବହୁ ସାମଞ୍ଜସ୍ୟ ରଖେ । ଆହୁରି ମଧ୍ୟ କାଫ୍କାଙ୍କ ସାହିତ୍ୟର ପ୍ରଭାବ ଫିଲିପ୍ ରୋଥ(Philip Roth)ଙ୍କ ଉପନ୍ୟାସ ସହିତ ମଧ୍ୟ ଜଡ଼ିତ । ଉଦାହରଣ ସ୍ୱରୂପ, ରୋଥଙ୍କ ଉପନ୍ୟାସ 'ଦ ବ୍ରେଷ୍ଟ୍'(The Breast)ର ସ୍ୱର ଏବଂ ବିଷୟବସ୍ତୁ କାଫ୍କାଙ୍କ 'ଦ ମେଟାମୋର୍ଫୋସିସ୍' ସହିତ ପ୍ରାୟ ସମାନ । ରୋଥ୍‌ଙ୍କ ଉପନ୍ୟାସର ଚରିତ୍ର ଡେଭିଡ୍ କେପେଶ(David Kepesh)ଙ୍କ ଏକ ସ୍ତନଧାରୀ ମହିଳାରେ ପରିଣତ ହେବାପରେ ଏକ ଅସ୍ୱାଭାବିକ ପରିସ୍ଥିତିରେ ନିଜକୁ ପାଇଥାନ୍ତି ଯାହା କାଫ୍କାଙ୍କ କାହାଣୀରେ ଗ୍ରେଗୋର ସାମସାକୁ ଏକ ପୋକରେ ପରିଣତ କରିବା ସହ ସମାନ । ଏଠାରେ ଉଭୟ ରଚନାରେ କୁହୁକ ବାସ୍ତବତା (Magical Realism)କୁ ଗୁରୁତ୍ୱ ଦିଆଯାଇଛି । ଆଧୁନିକ ମଣିଷର ଦୁର୍ଦ୍ଦଶା ଓ ନିରାଶା ଉପରେ କାଫ୍କାଙ୍କ ସାହିତ୍ୟ ଭଳି ରୋଥ୍‌ଙ୍କ ଉପନ୍ୟାସଗୁଡ଼ିକ ମଧ୍ୟ ସମାନ ମନ୍ତବ୍ୟ ଦେଇଛନ୍ତି । ପ୍ରକାଶ ଥାଉ କି, ୧୯୩୭ ମସିହାରେ ତାଙ୍କ ବନ୍ଧୁ ମ୍ୟାକ୍ସ ବ୍ରୋଡ୍ କାଫ୍‌କାଙ୍କ କାର୍ଯ୍ୟରୁ ୧୦୦ରୁ ଅଧିକ ରଙ୍ଗଚିତ୍ର ଏବଂ କାଠଚିତର ଏକ ପ୍ରଦର୍ଶନୀ ଆୟୋଜନ କରିଥିଲେ । ପୁଣିଥରେ ବହୁତ କମ୍ ସମୟରେ କାଫ୍କାଙ୍କ ଲୋକପ୍ରିୟତାକୁ ଦେଖି ୧୯୭୦ ମସିହାରେ ବିଭିନ୍ନ ୟୁରୋପୀୟ ସହରରେ କାଫ୍କା ଉପରେ ଲୋକପ୍ରିୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ଯହିଁରେ କାଫ୍କାଙ୍କ ପରିଚିତି କେତେ ମାତ୍ରାରେ ପରିବ୍ୟାପ୍ତ ଥିଲା ତାହା ସ୍ପଷ୍ଟ ଅନୁମେୟ । କାଫ୍କାଙ୍କ ଶ୍ରେୟ ହେଉଛି ସେ ତାଙ୍କ ସମସାମୟିକ ଜୀବନର ଜଟିଳ ପ୍ରସଙ୍ଗଗୁଡ଼ିକ ବିଷୟରେ ନିଜ ସାହିତ୍ୟ ମଧ୍ୟରେ ନିରବଚ୍ଛିନ୍ନ ଭାବରେ ପ୍ରକାଶ କରିଥିଲେ । ସତ୍ୟତାରେ ପରିପୂର୍ଣ୍ଣ ଏହି ସ୍ୱର ତାଙ୍କ ଲକ୍ଷ ଲକ୍ଷ ପାଠକଙ୍କୁ ସକ୍ଷମ ଓ ସଶକ୍ତ କରିଥିଲା । ଯଦିଓ ସେ ଆମ ମଧ୍ୟରେ ନାହାନ୍ତି, କିନ୍ତୁ ଉଦାରତାରେ ପରିପୂର୍ଣ୍ଣ ତାଙ୍କର କଥାସାହିତ୍ୟ ଭବିଷ୍ୟତ ପିଢ଼ିର ପାଠକମାନଙ୍କୁ ଉତ୍ସାହିତ କରିଆସିଛି । ତାଙ୍କର ପ୍ରଭାବ ସହ ଲୋକପ୍ରିୟତା ବିଶ୍ୱସ୍ତରରେ ତାଙ୍କ ପାଠକ ଏବଂ ସମାଲୋଚକମାନଙ୍କୁ ପ୍ରେରଣା ଯୋଗାଇବାରେ ସହାୟକ, ଏଥିରେ ଦ୍ୱିମତ ନ ଥାଇପାରେ ।

**ସହାୟକ ଗ୍ରନ୍ଥସୂଚୀ :**


1. Kafka, F. The Trial (Parry. I, Trans.). England: Penguin Books. 2002.
2. Kafka, F. The Castle (Underwood. J. A, Trans.). England: Penguin Books. 2000.
3. Kafka, F. America (Vintage Books London, Trans.). London: Vintage Random House. 1999.
4. Kafka, F. The Metamorphosis, In the Penal Colony, and Other Stories. (Trans. Joachim Neugrochel). New York: Simon & Schuster, 2000.
5. Brod, Max. The Diaries of Franz Kafka. New Delhi: India log Publication, 2003.


❖ ❖ ❖